## ଓଷ୍ଟାସାମ୍ବିଧାନିକ ସମ୍ମିଳନୀ ଆଲୋଚନା ହେଲା ଶିକ୍ଷକ ସମସ୍ୟା

ଜୟପୁର, (ନି.ପ୍ର.)- ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିଟି ହାଇସ୍କୁଲରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କୋଷାଧକ୍ଷ ଅଶୋକ ମହାପାତ୍ର, ଉପ ସଭାପତି ରାମକୃଷ୍ଣ ସାବତ, ବଂଶୀଧର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକମାନଙ୍କ ସମସ୍ୟା ତଥା ସପ୍ତମ କମିଶନ ବେତନ, ଚାକିରି ସର୍ତ୍ତାବଳିରୁ ବାଦ ପଡିଥିବା ୧୭୭ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଉପଦେଷ୍ଟା ରୂପେ ପ୍ରତାପ ପଟ୍ଟନାୟକ, ନବିନ ଚନ୍ଦ୍ର ପ୍ରଧାନ, ନିରୁପ କୁମାର ଫିଲିପସ, ରତିକାନ୍ତ ଦାସ, ସଭାପତି ଭାବେ ସୁଶାନ୍ତ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ମନୋନୀତ ହୋଇଥିଲେ ।

## ସଂକ୍ଷେପରେ

### ନିର୍ବାଚନ ପାଇଁ କଂଗ୍ରେସର ରଣନୀତି



ବିଷମକଟକ,୫।୯(ଡି.ଏନ୍.ଏ.)-ରାୟଗଡ଼ା ଜିଲା ବିଷମକଟକ ମାଁ ମାର୍କମା ମନ୍ଦିରରେ ରବିବାର କଂଗ୍ରେସ ଦଳର ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟଦଳର ୫୦ କର୍ମୀ କଂଗ୍ରେସରେ ସାମିଲ ହୋଇଥିବା ଜଣାପଡ଼ିଛି। ଏମାନେ ସମସ୍ତେ କଲ୍ୟାଣସିଂହପୁର କନ୍ଦକାଚାପାଡୁ ପଞ୍ଚାୟତ ଅଞ୍ଚଳର। ବିଷମକଟକର କଂଗ୍ରେସ ନେତା ନିଳମାଧବ ହିକକା, ବିଷମକଟକ ଓ ମୁନିଗୁଡ଼ା ବ୍ଲକ ସଭାପତି ବିଜୟ କିଶୋର ପଟ୍ଟନାୟକ, ନିଳାମ୍ବର ବିଭାର, ମୁନିଗୁଡ଼ା ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା, ସିଂଙ୍ଗପୁର ପିସିସି ସଦସ୍ୟ ରମେଶ ତ୍ରିପାଠୀ, ଓବିସି ସେଲ୍ ସଭାପତି ପ୍ରସାଦ ମହାଙ୍କୁଡ଼ଙ୍କ ନେତୃତ୍ୱରେ ଅନ୍ୟ ଦଳର କର୍ମୀମାନେ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସ ଦଳ ତଥା କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଅଞ୍ଚଳବାସୀଙ୍କ ସମସ୍ୟାଗୁଡ଼ିକୁ ଗୁରୁତ୍ୱ ଦେଇ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ସହ ସାମାଜିକ ଗଣମାଧମ ଜରିଆରେ ଲୋକଙ୍କୁ ଅବଗତ କରାଉଛନ୍ତି। ଏମ୍‌ପିଙ୍କ ଏଭଳି କାର୍ଯ୍ୟନୀତିକୁ ନୂତନଭାବେ ଦଳରେ ଯୋଗ ଦେଇଥିବା କର୍ମୀ ପ୍ରଶଂସା କରିଥିଲେ। ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ କଂଗ୍ରେସରେ ଯୋଗ ଦେଇଥିବା ସେମାନେ କହିଛନ୍ତି।

### ପଞ୍ଚାୟତ ସ୍ତରୀୟ ଚାଷୀ ସମାବେଶ

ମୁନିଗୁଡ଼ା,୫।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଆଗୁଲଠାରେ ରବିବାର ପଞ୍ଚାୟତ ସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ଚାଷୀ ବୁଦ୍ଧିଆ ଗୌଡ଼ଙ୍କ ଆବାହକତ୍ୱ ଏବଂ ସରପଞ୍ଚ ଗୌରାଙ୍ଗ ପିଡିକାକାଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ୧୨ ଗ୍ରାମରୁ ୨୫୦ରୁ ଊର୍ଦ୍ଧ୍ୱ କୃଷକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଅଞ୍ଚଳିକ ସ୍ତରୀୟ କୃଷକଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରସ୍ତୁତ କରାଯାଇଛି। ପଞ୍ଚାୟତର ଚାଷୀଙ୍କୁ ଜଳକର ଛାଡ଼, ବେଙ୍ଗେଇ ନାଳକୁ ହାତୀ ଚାଈଡ଼ା ଦେଇ ବଡ଼ନାଳ କେନାଲରେ ସଂଯୁକ୍ତ, ଆଗୁଲଠାରେ ମହାବନ୍ଧ ନିର୍ମାଣ ସମେତ ବିଭିନ୍ନ ଦାବି ଚାଷୀମାନେ ଉପସ୍ଥାପନା କରିଛନ୍ତି। ସୋମବାର ଚାଷୀ ପ୍ରତିନିଧି ମଣ୍ଡଳୀ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ। ଏଥିସହ ଜିଲାପାଳ ଓ ଜିଲା ପ୍ରଶାସକଙ୍କ ଉଦ୍ଦେଶ୍ୟରେ ମଧ ଦାବିପତ୍ର ପ୍ରେରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସମାବେଶରେ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା, କୃଷକ ନେତା ମିନକେତନ ଷଡ଼ଙ୍ଗୀ, ପୁରନ୍ଦର ପ୍ରଧାନ, ହାତୀରାମ ବେରୁକ ପ୍ରମୁଖ ଉପସ୍ଥିତ ଥିଲେ।

### ଗୁରୁ ଦିବସରେ ୩୮ ଶିକ୍ଷକ ସମ୍ବର୍ଦ୍ଧିତ



ରାଇଘର, ୫।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଇଘର ବ୍ଲକର ୩୮ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରାଇଘର ଜଗନ୍ନାଥ ମନ୍ଦିର ନିକଟ କୋଟପାରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଂଘର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏବିଓ ଉଗ୍ରସେନ ନାୟକ ମୁଖ୍ୟ ଅତିଥି, ଗୌରାଙ୍ଗ ଚନ୍ଦ୍ର ଧଳ ସମ୍ମାନିତ ଅତିଥି ଓ ସୋନା ମାଝି ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଏଥିରେ ସଂଘ ସଭାପତି ଦେବଦାସ ଗଣ୍ଡ, ସମ୍ପାଦକ ସନନ୍ତ କୁମାର ପ୍ରହରାଜ, ସଭ୍ୟ ସୁକୁମାର ହାଲଦାର, ନେପାଲ ଚନ୍ଦ୍ର ଦେ, ମୋତିଲାଲ ଗଣ୍ଡ ପ୍ରମୁଖ ସହଯୋଗ କରିଥିବା ବେଳେ ବୃନ୍ଦାବନ ଦୁର୍ଗା ମଞ୍ଚ ପରିଚାଳନା କରିଥିଲେ।

### ଖବରଦାତାଙ୍କୁ ସମ୍ବର୍ଦ୍ଧନା



ଚନ୍ଦାହାଣ୍ଡି, ୫।୯(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଜାରିଗୁଡ଼ା ଫାର୍ମହାଉସରେ ବରିଷ୍ଠ ଖବରଦାତା ଦିଲ୍ଲୀପ କୁମାର ଦାସଙ୍କୁ ଚନ୍ଦାହାଣ୍ଡି ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରଠାରେ ଚଳିତବର୍ଷ ମଦର ଟେରେସା ଜୟନ୍ତୀରେ ତାଙ୍କୁ 'ମଦର ଟେରେସା ସମ୍ମାନ ୨୦୨୧'ରେ ସମ୍ମାନିତ କରାଯାଇଥିଲା। ଏନେଇ ରବିବାର ଚନ୍ଦାହାଣ୍ଡି ପ୍ରେସ କ୍ଲବ ତରଫରୁ ମଧ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ମକୁନ୍ଦ ବେଶ୍ରା, ମହମ୍ମଦ ହୁସେନ, ମନୋଜ ପାଣ୍ଡି, ବାସୁଦେବ ସୁନା, ସଂଗ୍ରାମ କେଶରୀ ସାହୁ, ଶ୍ୟାମ ସୁନ୍ଦର ସୁନା, ଦିବ୍ୟରଞ୍ଜନ ମହାପାତ୍ର, ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବଣ୍ଡାଘାଟିରେ ପହଞ୍ଚି ପାରିନି ବ୍ୟାଙ୍କ ସେବା

ମାଲକାନଗିରି,୫।୯(ଡି.ଏନ.ଏ.)

କେନ୍ଦ୍ର ସରକାର ଡିଜିଟାଲ ଦୁନିଆର ସ୍ୱପ୍ନ ଦେଖାଉଥିବା ବେଳେ ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡାଘାଟିର ଅନେକ ଗ୍ରାମରେ ଏଯାଏ ବ୍ୟାଙ୍କ ସେବା ପହଞ୍ଚିପାରିନି। ଖଇରପୁଟ ବ୍ଲକ ମଧରେ ୩ଟି ରାଷ୍ଟ୍ରାୟତ ବ୍ୟାଙ୍କ ରହିଛି। ଖଇରପୁଟ ସଦର ମହାକୁମାରେ ଷ୍ଟେଟ ବ୍ୟାଙ୍କ ରହିଛି। ଦୂର ଦୂରାନ୍ତରୁ ଏଠାକ ଲୋକେ ଆସିବା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବଣ୍ଡାଘାଟିର ବଣ୍ଡା ଜନଜାତିର ଛାତ୍ରୀଛାତ୍ର ଓ ମହିଳାପୁରୁଷମାନେ ବ୍ୟାଙ୍କ ସେବା ପାଇଁ ପାହାଡିଆ ରାସ୍ତାରେ ୩୦/୪୦ କିମି ରାସ୍ତା ଅତିକ୍ରମ କରି ଖଇରପୁଟ ଆସିଥାନ୍ତି। ଅନେକ ସମୟରେ ବ୍ୟାଙ୍କ ସେବା ନ ପାଇ ନିରାଶ ହୋଇ ଫେରିଥାନ୍ତି। ଅନ୍ୟ ଦୁଇଟି ରାଷ୍ଟ୍ରାୟତ ବ୍ୟାଙ୍କ ମଧ୍ୟରୁ ଗୋଟିଏ



ବଣ୍ଡା ଜନଜାତି ବସବାସ କରୁଥିବା ଅଞ୍ଚଳ।

କଣ୍ଡୁମୁଲୁଗୁମ୍ମାଠାରେ ଏଚଡିଏଫ୍‌ସି ବ୍ୟାଙ୍କ ଓ ଗୋବିନ୍ଦପାଲିଠାରେ ବ୍ୟାଙ୍କ ଅଫ ଇଣ୍ଡିଆ ରହିଛି। ଏହି ସ୍ଥାନ ବଣ୍ଡାଘାଟିଠାରୁ ଅଧିକ ଦୂର ହେଉଥିବାରୁ ଲୋକେ ଖଇରପୁଟ ଷ୍ଟେଟ ବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି। ବଣ୍ଡାଘାଟିରେ ଗୋଟିଏ ରାଷ୍ଟ୍ରାୟତ ବ୍ୟାଙ୍କ ପ୍ରତିଷ୍ଠା ହେଲେ ଘାଟିର ଦୁଇଟି ପଞ୍ଚାୟତର ୩୨ ଖଣ୍ଡ ଗ୍ରାମର ୯ହଜାରରୁ ଊର୍ଦ୍ଧ୍ୱ ବଣ୍ଡା ଜନଜାତିର ଲୋକେ ଉପକୃତ ହେଇ ପାରନ୍ତେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଜିଲାରେ ନାହିଁ ସେବାଶ୍ରମ ବିଦ୍ୟାଳୟ

ମାଲକାନଗିରି, ୫।୯ (ଡି.ଏନ.ଏ.)

ଜିଲା ମଙ୍ଗଳ ବିଭାଗ ମାଲକାନଗିରି ଜିଲାକୁ ଅଣଦେଖା କରୁଥିବା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ଅଭିଯୋଗ କରିଛି। ରାଜ୍ୟର ସମସ୍ତ ଜିଲାରେ ସେବାଶ୍ରମ ବିଦ୍ୟାଳୟ ଥିବା ବେଳେ ମାଲକାନଗିରି ଜିଲାରେ ଏହି ବିଦ୍ୟାଳୟ ନାହିଁ। ବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଏଯାଏ ସରକାର ପଦକ୍ଷେପ ନେଇ ନ ଥିବା ସଂଘ ଅଭିଯୋଗ କରିଛି। ଏନେଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ସଂଘ ଏକ ଦାବିପତ୍ର ପ୍ରଦାନ କରିଛି। ମାଲକାନଗିରି ଜିଲାରେ ୫୭ଟି ଅଶ୍ରମ ସ୍କୁଲ, ୨୦ଟି ଉଚ୍ଚ ବିଦ୍ୟଳୟ ଏବଂ ୪ଟି କନିଷ୍ଠ ମହାବିଦ୍ୟାଳୟ ରହିଛି। କଲ୍ୟାଣ ବିଭାଗରେ କାର୍ଯ୍ୟରତ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକମାନେ



ସଂଘ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି। ଜଣେ ସରକାରୀ କର୍ମଚାରୀ ଚାକିରିକାଳ ମଧରେ ୩ଟି ପଦୋନ୍ନତି ପାଇବା ବ୍ୟବସ୍ଥା ଥିବା ବେଳେ କଲ୍ୟାଣ ବିଭାଗରେ କର୍ମଚାରୀ ଚାକିରିକାଳ ମଧରେ ଗୋଟିଏ ଥର ମଧ ପଦୋନ୍ନତି ପାଇପାରି ନ ଥାନ୍ତି ବୋଲି ସଂଘ ଅଭିଯୋଗ କରିଛି। ଏହାକୁ ନେଇ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସଂଘ ୧୧ ଦଫା ଦାବିପତ୍ର ପ୍ରଦାନ କରିଛି। ସଂଘ ସଭାପତି ବୁଦ୍ଧୁରା କବାସୀ ଓ ସମ୍ପାଦକ ବସନ୍ତ ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟରତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ୨୦୧୯ ନଭେମ୍ବରରୁ ଥିବା ବକେୟା ଦରମା ପ୍ରଦାନ, ମୃତ୍ୟୁବରଣ କରିଥିବା ଶିକ୍ଷୟତ୍ରୀ ଶିକ୍ଷକଙ୍କ ପରିବାରବର୍ଗଙ୍କୁ ବିଭାଗୀୟ ସୁବିଧା ସୁଯୋଗ, ପଦୋନ୍ନତି ବ୍ୟବସ୍ଥା, ଖାଲି ପଡିଥିବା ସ୍ଥାନ ପଦୋନ୍ନତି ମାଧମରେ ପୂରଣ ସହ ଅନ୍ୟାନ୍ୟ ଦାବି କରିଛି। ଜିଲା ମଙ୍ଗଳ ଅଧିକାରୀ ବେହେରା ଦାବିଗୁଡିକ ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କେନ୍ଦ୍ର ସରକାରଙ୍କ ଓବିସି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିନାହାନ୍ତି ରାଜ୍ୟ ସରକାର: ଭାଜପା

ଜୟପୁର, ୫।୯ (ନି.ପ୍ର.)

କୋରାପୁଟ ଜିଲା ଭାଜପା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରବିବାର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। କେନ୍ଦ୍ର ସରକାର ଓବିସି ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏହାକୁ ରାଜ୍ୟ ସରକାର ଲାଗୁ କରିବାରେ ବିଫଳ ହୋଇଛନ୍ତି। ଫଳରେ ପଛୁଆ ବର୍ଗର ଲୋକେ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ସମ୍ମିଳନୀରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସରୁଥ ବିଶ୍ୱାଳ, ରାଜ୍ୟ ଓବିସି ମୋର୍ଚ୍ଚା କମିଟି ସଦସ୍ୟ ଜ୍ଞାନେନ୍ଦ୍ର ସ୍ୱାଇଁ, ଜିଲା ସଭାପତି ସୁମନ୍ତ ପ୍ରଧାନ, ସ୍ଥାୟୀ ସଦସ୍ୟ ଗୌତମ ସାମନ୍ତରାୟ, ଜିଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ରଥ, ବୈଦନାଥ ମିଶ୍ର, ଦେବେନ୍ଦ୍ର ମହାନ୍ତି, ଜିଲା ମିଡିଆ ପ୍ରଭାରି ସଞ୍ଜୟ ବେହେରା, ନଗର ସଭାପତି ସାଧୁ ଦାସ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ବିଦ୍ୟୁତ୍ ବିଭାଗରେ ବ୍ୟାପକ ଦୁର୍ନୀତି ହେଉଛି। ଜୟପୁର ନିକଟସ୍ଥ ନୂଆଗୁଡା ଗ୍ରାମରେ ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ଗ୍ରାମବାସୀ ନିର୍ବାହୀଯନ୍ତ୍ରୀ ବସନ୍ତ ମହାପାତ୍ରଙ୍କୁ ଜଣାଇଥିଲେ। ୨ ଲକ୍ଷ ଟଙ୍କା ପୈଠ କଲେ ବିଦ୍ୟୁତ୍ ଯୋଗାଣ ହେବ ବୋଲି ମହାପାତ୍ର ପ୍ରକାଶ କରି ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଭାଜପା ନେତା ଗୌତମ ସାମନ୍ତରାୟଙ୍କ ହସ୍ତକ୍ଷେପ ପରେ ଶନିବାର ନୁଆଗୁଡାରେ ଟ୍ରାନ୍ସଫର୍ମର ଲାଗିଛି। ରାଜ୍ୟରେ ପ୍ରତ୍ୟେକ ଜାଗାରେ ସୌଭାଗ୍ୟ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ତାହା ଭାଜପାର ଏକ ସ୍ୱତନ୍ତ୍ର ଟିମ୍ ଆଗାମୀ ଦିନରେ ଅନୁଧ୍ୟାନ କରିବ ବୋଲି ଭାଜପା ନେତାମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

## ଭତ୍ତା, ୫ କିଲୋ ଚାଉଳରେ ବିତୁଛି ଜୀବନ

ନାରାୟଣପାଟଣା, ୫।୯(ଡି.ଏନ.ଏ.)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ନାରାୟଣପାଟଣା ପଞ୍ଚାୟତର ହରିଜନ ସାହିରେ ଅତି ଦୟନୀୟ ଭାବେ ଚଳୁଛନ୍ତି ଭାନୁ ଖୋସଲା। ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନ ଥିବାରୁ ପଲିଥିନ ଟାଣି ରହୁଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଲୋକଙ୍କୁ ଆବାସ ଯୋଗାଇ ଦେବା କହୁଥିଲେ ମଧ ଏହା ଭାନୁଙ୍କ ପାଖରେ ପହଞ୍ଚିପାରିନି। ଆବାସଟିଏ ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଅନେକ ଥର ଭାନୁ ଗୁହାରି କରିଥିଲେ ମଧ କିଛି ସୁଫଳ ମିଳିନି ତାଙ୍କୁ। ନାରାୟଣପାଟଣା ବ୍ଲକରେ ଚାଷୀ-ମୂଲିଆ ସମସ୍ୟା ଉପୁଜି ଥିବାବେଳେ ଭାନୁଙ୍କ ସ୍ୱାମୀ ଭୃଗୁ ଖୋସଲା ପରିବାର ଧରି କୋରାପୁଟରେ ଯାଇ ରହିଥିଲେ। ସେଠାରେ କାମଧନ୍ଦା ନ ପାଇ ବହୁ ହଇରାଣରେ



ନିଜ ପଲିଥିନ ଟଣା ଘରେ ରହୁଥିବା ଭାନୁ।

### କେହି ଶୁଣୁନାହାନ୍ତି ଆବାସ ଗୁହାରି

ଚଳିବାକୁ ପଡୁଥିଲା। ୬ ବର୍ଷ ତଳେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ଏମିତି ସମୟ ଆସିଲା ସେତେବେଳେ ତାଙ୍କ ଦୁଇ ଝିଅ ଏବଂ ପୁଅ ମଧ ତାଙ୍କୁ ଛାଡି ଚାଲିଗଲେ। ଶେଷରେ ଉପାୟ ନ ପାଇ ଭାନୁ ନିଜ ଭାଗିମାଟି ନାରାୟଣପାଟଣାକୁ ଫେରିଲେ। ସେ ସମୟରେ ନିଜ ଘର ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶି ଯାଇଥିଲା। ଖଣ୍ଡିଏ ପଲିଥିନ ଟାଣି ମୁଣ୍ଡ ଗୁଞ୍ଜିଲେ ସେ। ତାଙ୍କୁ ମିଳୁଥିବା ମାସିକ ଭତ୍ତା ଏବଂ ୫ କିଲୋ ଚାଉଳରେ ଚଳୁଥିବା ଭାନୁ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାକୁ ଅନେକ ଥର ପିଇଓଙ୍କୁ ଭେଟି ଜଣାଇଥିଲେ ମଧ ସେ ତାଙ୍କ କଥା ଶୁଣିନାହାନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଭାନୁଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବେଆଇନ ସାର ଚାଲାଣ ଧରିଲା ପ୍ରଶାସନ

କୁନ୍ଦୁରା,୫।୯ ( ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବାକୁ ଚାଷୀ ଦାବି କରିଆସୁଛି। କଳାବଜାରରେ ସାର ବିକ୍ରି ହେଉଥିବାରୁ ଚାଷୀ ଏଯାଏ ନିଜ ଆବଶ୍ୟକ ପରିମାଣର ସାର ପାଇନାହାନ୍ତି। ଏପରିସ୍ଥିଳେ ରବିବାର ବେଆଇନ ଭାବେ ଅନ୍ୟତ୍ର ଚାଲାଣ ହେଉଥିବା ଏକ ସାର ବୋଝେଇ ଗାଡିକୁ ତହସିଲଦାର ଆପୁର୍ବ ମଣ୍ଡଳ ଏବଂ ବ୍ଲକ କୃଷି ଅଧିକାରୀ ଆଇନି ବିଶୋୟୀ ଧରିଛନ୍ତି। ପଖନାଗୁଡା ପଞ୍ଚାୟତ ସଦର ମହକୁମାରୁ କୋଟପାଡ କିମ୍ବା ନବରଙ୍ଗପୁର ସାର ଚାଲାଣ ହେଉଥିବା ବେଳେ ଖବରପାଇ ବ୍ଲକ କୃଷି ଅଧିକାରୀ ଗାଡିକୁ ଅଟକାଇ ତହସିଲଦାରଙ୍କୁ ସୂଚନା ଦେଇଥିଲେ। ଜବତ ଗାଡିକୁ କୁନ୍ଦୁରା ଥାନାକୁ ହସ୍ତାନ୍ତର କରାଯାଇଛି। ଉକ୍ତ ଗାଡିରେ ୩୫ ବସ୍ତା ୟୁରିଆ ସାର ଏବଂ ୫ ଡବା ଜିଙ୍କ ରହିଥିବା ତହସିଲଦାର ମଣ୍ଡଳ କହିଛନ୍ତି। ତେବେ ଏନେଇ ଗାଡି ଡ୍ରାଇଭର କହିଛନ୍ତି ଯେ, ୟୁରିଆ ବସ୍ତା ପିଛା ସରକାରୀ ଦର ୨୬୬ ଟଙ୍କା ବଦଳରେ ସେ ୬୦୦ ଟଙ୍କା ଦେଇ କ୍ରୟ କରି ଏହାକୁ ନେଉଥିଲେ।

## ତୃତୀୟ ଲହରରୁ ଶିଶୁଙ୍କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୫।୯ (ଡି.ଏନ.ଏ.)

କରୋନାର ତୃତୀୟ ଲହର ପ୍ରଭାବ ଶିଶୁଙ୍କ ଉପରେ ପଡିଛି। ପ୍ରତ୍ୟହ ଅନେକ ଶିଶୁ କରୋନା ସଂକ୍ରମିତ ହେଉଛନ୍ତି। ଆମ ରାଜ୍ୟରେ ଶତାଧିକ ଶିଶୁ ଇତିମଧରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧରୁ ୭ଜଣ ଶିଶୁଙ୍କ ଜୀବନ ଯାଇଛି। ଏହାକୁ ଦୃଷ୍ଟିରେ



ଏକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ ସଚେତନ କରାଯାଉଛି।

ରଖି ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତାମାନେ ବିଭିନ୍ନ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନ କରୁଥିବା ଶିଶୁଙ୍କ ସୁରକ୍ଷା ଲାଗି ସଚେତନ କାର୍ଯ୍ୟକ୍ରମ କରିଛନ୍ତି। କରୋନାର ତୃତୀୟ ଲହର ଯେପରି ଶିଶୁମାନଙ୍କ କ୍ଷତି ନ ଘଟାଇବ ସେଥିପାଇଁ ସଂଘ ଆଗେଇ ଆସିଛି। ରବିବାର ଛତିଶଗଡ଼ ସୀମାନ୍ତ ସଦର ବ୍ଲକ ମାଟାପାକା ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରରେ ମାଟାପାକା ଏବଂ ନୂଆଗୁଡା ଗ୍ରାମର ୩ ବର୍ଷରୁ ୮ବର୍ଷ ବୟସର ଶିଶୁଙ୍କ ମାତାପିତା ଓ ଅଙ୍ଗନୱାଡିକର୍ମୀଙ୍କୁ ସଚେତନ କରାଯାଇଛି। ଶିଶୁମାନେ ଯେପରି କରୋନାରେ ଆକ୍ରାନ୍ତ ନ ହେବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଛି। ମାତାପିତାମାନେ କିଭଳି ନିଜ ଶିଶୁର ଯତ୍ନ ନେବେ ସେମାନଙ୍କୁ ଅବଗତ କରାଯାଇଛି। ନଖ କାଟିବା, ସାବୁନରେ ବାରମ୍ବାର ହାତ ଧୋଇବା, ସମଦୂରତ୍ୱ ରକ୍ଷା କରିବା, ଗରମ ସୁଷମ ଖାଦ୍ୟ ଖାଇବା ସମ୍ପର୍କରେ କର୍ମକର୍ତ୍ତାମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେମାନେ ଶିଶୁମାନଙ୍କୁ ନୂତନ ପୋଷାକ, ଖେଳନା ସାମଗ୍ରୀ, ସ୍ଲିଲଟ, ଚକ୍‌ଖଡି, ମାସ୍କ, ସାନିଟାଇଜର, ଶୁଖିଲା ଖାଦ୍ୟ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ମାଟାପାକା ସରପଞ୍ଚ ବିନାୟକ ମାଡକାମୀ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମହାନ୍ତି, ସମ୍ପାଦକ ସତ୍ୟନାରାୟଣ ଦାଶ, କୋଷାଧକ୍ଷ ବି. ଶ୍ରୀନିବାସ ପାତ୍ର, ଅଙ୍ଗନୱାଡିକର୍ମୀଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ସଂଘ କର୍ମକର୍ତ୍ତାମାନେ ଗତ ଦୁଇବର୍ଷ ଧରି ମାଲକାନଗିରି ଜିଲା ସଦର ମହକୁମା ସହ ୭ ବ୍ଲକ, ପଞ୍ଚାୟତ ଏବଂ ରାଜସ୍ୱ ଗ୍ରାମଗୁଡିକରେ ସଚେତନତା ରଥ ମାଧମରେ କରୋନା ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ କରି ଆସୁଛନ୍ତି।

## ଧଳାହୀରା ଚାଲାଣ ଘଟଣା ଖଣି ଖନନ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ



ମାଲକାନଗିରି,୫।୯(ଡି.ଏନ.ଏ.)- ମାଲକାନଗିରି ଜିଲା ମୋଟୁ ତହସିଲର କୁନାଲପାଲି ଗ୍ରାମରେ ଥିବା ଧଳାହୀରା ରୂପେ ପରିଚିତ ମୋରମ ଖାଦାନ ଅଞ୍ଚଳକୁ ରବିବାର ବିଧାୟକ ଆଦିତ୍ୟ ମାଢି ପରିଦର୍ଶନ କରିଛନ୍ତି। ଜିଲାର ଖଣିଜ ସମ୍ପଦକୁ ଲୁଟ୍ କରି ନେଉଥିବା ମାଫିଆଙ୍କ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ବୟସ ମାତ୍ର ୬ : ଭାଗବତ ଗୀତା ଶ୍ଳୋକ ଆବୃତ୍ତିରେ ଜିଥ୍ୟାଙ୍କ ରୁଚି

କୋରାପୁଟ,୫।୯(ସ୍ୱ.ପ୍ର)



ବୟସ ମାତ୍ର ୬ ବର୍ଷ। ନାଁ ତାଙ୍କର ଜିଥ୍ୟା। ସଙ୍ଗୀତଠାରୁ ଭାଗବତ ଗୀତା ଶ୍ଳୋକ ଆବୃତ୍ତି ତାଙ୍କର ପ୍ରିୟ। ଆଇନଜୀବୀ ଗୋପୀନାଥ ମୂର୍ତ୍ତିଙ୍କ ଝିଅ ଜିଥ୍ୟା ଅନ୍‌ଲାଇନ ଶିକ୍ଷାଦାନ ବ୍ୟବସ୍ଥା ପରଠାରୁ ଆରମ୍ଭ କରିଛନ୍ତି ଶ୍ଳୋକ ଆବୃତ୍ତି। ପିଲାଟି ବେଳୁ ତାଙ୍କ ପାଖରେ ଶ୍ଳୋକ ସହ ବିଭିନ୍ନ ସଙ୍ଗୀତ ଗାଇବା ପ୍ରତି ଦେଖାଦେଇଥିଲା ଆଗ୍ରହ। ସବୁବେଳେ କିଛି ନା କିଛି ସେ ଗୁଣୁଗୁଣାଉଥାନ୍ତି। ତାଙ୍କ ଆଗ୍ରହ ଦେଖି ପରିବାର ଲୋକେ ତାଙ୍କୁ ସଙ୍ଗୀତ ଶିକ୍ଷା ପ୍ରତି ଉତ୍ସାହିତ କରିଥିଲେ। ଏବେ ସଙ୍ଗୀତଠାରୁ ଶ୍ଳୋକ ଯାଏ ଆବୃତ୍ତିରେ ପାରଙ୍ଗମ ଜିଥ୍ୟା ୪୦ରୁ ଊର୍ଦ୍ଧ୍ୱ ଶ୍ଳୋକ ବୋଲିବାର ଦକ୍ଷତା ରଖିଛନ୍ତି।

# ବିଭିନ୍ନ ସ୍ଥାନରେ ଗୁରୁ ଦିବସ

କୋରାପୁଟ/ଜୟପୁର/କୁନ୍ଦୁରା, ୫।୯(ସ୍ୱ.ପ୍ର./ନି.ପ୍ର./ଡିଏନ.ଏ.)

କୋରାପୁଟସ୍ଥିତ ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୩ ତମ ଜୟନ୍ତୀ ତଥା ଗୁରୁ ଦିବସ କୋଭିଡ କଟକଣା ମଧ୍ୟରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ଅତସି ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ରାଧାକ୍ରିଷ୍ଣନଙ୍କ ସ୍ମୃତିଚାରଣ କର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଗୁରୁମାନଙ୍କ ଭୂମିକା ଉପରେ ମତ ରଖିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ଉପସ୍ଥିତ ଥିଲେ ।

ଜୟପୁର ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଗୁରୁଦିବସ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପରିଚାଳନା ସମିତିର ଉପସଭାପତି ମନୋରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରାମଚନ୍ଦ୍ର ମହାନ୍ତି ଗୁରୁଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ପଙ୍କଜ କୁମାର ପାତ୍ର, ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା,କୋଷାଧକ୍ଷ ଜଗନ୍ନାଥ ମିଶ୍ର ଉପସ୍ଥିତ ଥିଲେ । ଗୁରୁମା ସୁଷମା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କୁନ୍ଦୁରା ବ୍ଲକ ଉପକଣ୍ଠ କାଳିଆ କାଦ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେତେକ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ସମ୍ମାନିତ ଅତିଥି ଭାବେ ବିଡିଓ ସ୍ନେହପ୍ରଭା ମାଝୀ , ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ,ସମ୍ପାଦକ ନୟନ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଶିକ୍ଷକ ଙ୍କ ଦାରା ଡାକ୍ତର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋରେ ପୁଷ୍ପାମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିକ୍ଷୟିତ୍ରୀ ମୃଦୁଭାସିନୀ ମିଶ୍ର, ସୁଦର୍ଶନ ପାତ୍ର, ଲାଲ ମୋହନ ତ୍ରିପାଠୀ,ପ୍ରକାଶ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟ ନାରାୟଣ ବେହେରା, ସଦାଶିବ ସାହୁ ପ୍ରମୁଖ ସମ୍ମାନିତ ହୋଇଥିଲେ।

## ମୃତ୍ୟୁ ମାଗୁଛି ଝିଅ

ନନ୍ଦପୁର, ୫।୯ (ଡି.ଏନ.ଏ.)- କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥିବା ପଞ୍ଚାୟତ ଅନ୍ତର୍ଗତ ସାତସେମିଳି ଗ୍ରାମର ଝିଅ ସନ୍ତୋଷୀ ଖରାଙ୍କୁ ନେଇ ସୁନାଦେଈ ଖରାଙ୍କ ସଂସାର। ସ୍ୱାମୀ ପଦମ ଖରାଙ୍କ ମୃତ୍ୟୁ ପରେ ବହୁ କଷ୍ଟରେ ପରିବାର ଚଳାଉଥିବା ସୁନାଦେଈ ଏବେ ଝିଅ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ୧୧ ବର୍ଷର ଝିଅ ସନ୍ତୋଷୀ ଖରା ସିକିଲସେଲ୍ ରୋଗରେ ପୀଡ଼ିତ। ବିଛଣାରୁ ଉଠି ପାରୁ ନ ଥିବା ସନ୍ତୋଷୀ ନିଜ ମୃତ୍ୟୁ କାମନା କରୁଛନ୍ତି। କିଏ ସିନା ଠାକୁରଙ୍କୁ ମୋତେ ଭଲ କରିଦିଅ ବୋଲି ପ୍ରଣତି ଜଣାଏ ମାତ୍ର ସନ୍ତୋଷୀ ମୋତେ ମାରିଦିଅ ବୋଲି ବିନତି କରୁଛନ୍ତି। ଯନ୍ତ୍ରଣା ସହିପାରୁ ନ ଥିବାରୁ ସେ ଆତ୍ମହତ୍ୟା କରିଦେବି ବୋଲି କହୁଛନ୍ତି। ସୁନାଦେଈ ମଧ ଗତ କିଛିଦିନ ହେଲା ଅସୁସ୍ଥ ହୋଇପଡିଛନ୍ତି। ମାଆ ଝିଅଙ୍କ ଏପରି କଷ୍ଟ ଦେଖି ରବିବାର ସାହିବାସିନ୍ଦା ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ନେଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବିଧାୟକ ପ୍ରତିନିଧି ସୁନୀଲ କୁମାର ସାହୁ ସେମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଅଧିକ ଚିକିତ୍ସା ପାଇଁ ମାଆଝିଅଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ରହିବା ପାଇଁ ମଧ ସୁନାଦେଈଙ୍କ ଭଲ ଘର ଖଣ୍ଡିଏ ନାହିଁ। ଭଙ୍ଗା କୁଡ଼ିଆରେ ରହି ବହୁ କଷ୍ଟରେ ଚଳୁଛନ୍ତି ମାଆଝିଅ। ପ୍ରଶାସନ ପକ୍ଷରୁ ସେମାନଙ୍କ ରହିବା ଓ ଚଳିବା ଲାଗି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।




## ତହସିଲ କାର୍ଯ୍ୟାଳୟ, ଖୋର୍ଦ୍ଧା
### ନିଲାମ ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା 5648 ତାରିଖ 06.9.2021

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଖୋର୍ଦ୍ଧା ତହସିଲ ଅଧୀନରେ ଥିବା ଦୁଇଗୋଟି ମାଙ୍କଡ଼ା ପଥର ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଚମ୍ପାଝର ମାଙ୍କଡ଼ା ପଥର ସୈରାତ ଉତ୍ସ-୧ ଓ ଚମ୍ପାଝର ମାଙ୍କଡ଼ା ପଥର ସୈରାତ-୨ଗୁଡିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଖୋର୍ଦ୍ଧା ଜିଲ୍ଲା ୱେବ୍‌ସାଇଟ୍ www.khordha.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଖୋର୍ଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି। ଦରଖାସ୍ତ ରେଜିଷ୍ଟ୍ରି / ସ୍ପିଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଥିବା Tender Boxରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୧୩।୦୯।୨୦୨୧ରିଖଠାରୁ ତା୩୦।୦୯।୨୦୨୧ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୦୧।୧୦।୨୦୨୧ରିଖ ୧୧ ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ କରାଯିବ। କୌଣସି କାରଣରୁ ନିଲାମ ନ ହୋଇପାରିଲେ ଦ୍ୱିତୀୟ ତା୦୪।୧୦।୨୦୨୧ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇପାରିଲେ ତୃତୀୟ ତା୦୭।୧୦।୨୦୨୧ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କର କ୍ଷମତା ପରିସରଭୁକ୍ତ ଅଟେ।

ସ୍ୱା./- ତହସିଲଦାର, ଖୋର୍ଦ୍ଧା

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office: Burla, Dist.- Sambalpur (Odisha)- 768017

CORRIGENDUM-II

Tender Enquiry No. TPWODL/SD/O/SER/029/Corrigendum/002
Rate Contract for Revenue Recovery of Permanent & Temporary Disconnected and Live Cases

Extension of due date for payment of Tender Fee towards purchase of Tender Documents and Revised Calendar events.

All interested prospective bidders may kindly note the following modification to the calendar of events of the open Tender No.

Clause 1.3: Revised Calendar of Events shall be as mentioned below:-

| Srl. | Calendar of Events | Existing Schedule | Revised Schedule | Revised Schedule |
|---|---|---|---|---|
| 1 | Date of sale/ availability of tender documents from TPWODL website | 03.08.2021, 15.00 hrs. | 03.08.2021, 15.00 hrs. | 03.08.2021, 15.00 hrs. |
| 2 | Last date and time of payment of tender fee | 11.08.2021, 15.00 hrs. | 21.08.2021, 15.00 hrs. | 09.09.2021, 15.00 hrs. |
| 3 | Last date of receipt of pre-bid queries, if any | 14.08.2021, 15.00 hrs. | 24.08.2021, 15.00 hrs. | 14.09.2021, 15.00 hrs. |
| 4 | Last date of posting consolidated replies to all the pre-bid queries as received | 18.08.2021, 15.00 hrs. | 28.08.2021, 15.00 hrs. | 16.09.2021, 15.00 hrs. |
| 5 | Last date and time of receipt of bids | 23.08.2021, 15.00 hrs. | 03.09.2021, 15.00 hrs. | 20.09.2021, 15.00 hrs. |

All other terms and conditions of the above tender will remain same.

Sd./- Chief-Contracts and Stores

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୬ ସେପ୍ଟେମ୍ବର, ୨୦୨୧



## ଗୁଣପୁରରେ ଗୁରୁଦିବସ ପାଳିତ

ଗୁଣପୁର,(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଛି। ଏହି ଅବସରରେ ପୂର୍ବତନ ରାଷ୍ଟ୍ରପତି ତଥା ଆଦର୍ଶ ଶିକ୍ଷକ ସର୍ବପଲ୍ଲି ରାଧାକ୍ରିଷ୍ଣନଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିରେ ଆଦର୍ଶ ଶିକ୍ଷକ ତଥା ପରିଚାଳନା ସମିତିର ପୂର୍ବତନ ଉପସଭାପତି ବି. ଲକ୍ଷ୍ମୀ ନାରାୟଣ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ରୂପେ ଶିକ୍ଷା ବିକାଶ ସମିତି ଓଡ଼ିଶାର ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ ନରେନ୍ଦ୍ର ରାଉଳ ଏବଂ ବିଭାଗ ନିରୀକ୍ଷକ ସୁବ୍ରତ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ, ପୂର୍ବତନ ସଭାପତି ଲଳିତ ବୈଦ୍ୟଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ଅନୁଷ୍ଠାନର ସଭାପତି ବି. ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼, ଉପସଭାପତି ମୋହନ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଆଚାର୍ଯ୍ୟା ସନ୍ତୋଷି ବାହାଦୁର ସୁନାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲାର ୭୭ ଗାଁକୁ ଏଯାଏ ଯାଇନି ରାସ୍ତା

- ଜିଲା ଗଠନର ୨୯ ବର୍ଷପରେ ମଧ ଲୋକଙ୍କୁ ମିଳୁନି ସୁବିଧା
- ବିକାଶ ଅପହଞ୍ଚ

ନବରଙ୍ଗପୁର,୫।୯(ବି.ପ୍ର.)

ଗାଁକୁ ରାସ୍ତାହେଲେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବିକାଶ ହୋଇଥାଏ। ଗାଁକୁ ମୌଳିକ ସୁବିଧା ସୁଯୋଗ ପହଞ୍ଚିବାର ସହାୟକ ହୁଏ। ତେବେ ଜିଲାର ୭୭ଟି ଗାଁକୁ ଏଯାଏ ପାଦଚଲା ରାସ୍ତାଟିଏ ମଧ ନାହିଁ। ଦେଶ ସ୍ୱାଧୀନକୁ ୭୫ବର୍ଷ ବିତି ଯାଇଥିଲେ ମଧ ଗ୍ରାମବାସୀଙ୍କ ପାଇଁ ରାସ୍ତା ସାତ ସପନ ପାଲଟିଛି। ଉକ୍ତ ଗାଁଗୁଡ଼ିକର ଅବସ୍ଥା କିଭଳି ରହିଥିବ ତାହା ଭଲରେ ଅନୁମେୟ।

ନବରଙ୍ଗପୁର ଜିଲା ଗଠନକୁ ଏହା ମଧ୍ୟରେ ୨୯ ବର୍ଷ ହୋଇଗଲାଣି। ତଥାପି ୭୭ ଗାଁକୁ ପଦଚଲା ରାସ୍ତା ବ୍ୟତୀତ ଅନ୍ୟ କିଛି ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମୀଣ ବିକାଶ ଓ ମୌଳିକ ସୁବିଧା ସୁଯୋଗ ପାଇଁ ବ୍ୟାପକ ଅନୁଦାନ ଯୋଗାଉଛନ୍ତି। ବିଭିନ୍ନ ଯୋଜନାକୁ ନେଇ ବଡ଼ ବଡ଼ ହୋର୍ଡିଂ, କାନ୍ଥ ବାଡ଼ରେ ସଚେତନତା ବାର୍ତ୍ତା ଓ ପ୍ରଚାର ପ୍ରସାର ମଧ କରି ଆସୁଛନ୍ତି। ୨୦୧୬-୧୭ ବର୍ଷରେ ଜିଲାର ଚନ୍ଦାହାଣ୍ଡି ବ୍ଲକରେ ୩୮, ଝରିଗାଁ ବ୍ଲକରେ ୬୪ ଓ ଉମରକୋଟ ବ୍ଲକ ଅଧୀନରେ ୨୪ଟି ଗାଁ ମୋଟ ୧୨୨ ଗାଁ ପାଦଚଲା ରାସ୍ତା ରହିଥିଲା। ୨୦୧୬ ଅଗଷ୍ଟ ୧ ତାରିଖରେ ସରକାରଙ୍କ ଚିଠି ସଂଖ୍ୟାରେ ଜିଲାକୁ ମଗାଯାଇଥିବା ରିପୋର୍ଟରେ ଦିଆଯାଇଥିବା ତଥ୍ୟକୁ ଆଧାର କଲେ ୧୨୨ଟି ଗାଁକୁ ରାସ୍ତା ନ ଥିଲା। ୫ ବର୍ଷ ମଧ୍ୟରେ ୪୫ଟି ଗାଁକୁ ରାସ୍ତା କରାଯାଇଥିବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଜଣାପଡିଛି। ଏଯାଏ ଜିଲାର ଚନ୍ଦାହାଣ୍ଡି ବ୍ଲକରେ ୧୭, ଝରିଗାଁରେ ୩୩ ଓ ଉମରକୋଟ ବ୍ଲକରେ ୨୭ ଗାଁକୁ ପାଦଚଲା ରାସ୍ତାଟିଏ ମଧ ନାହିଁ। ରାସ୍ତା ଥାଇ ମଧ ଉମରକୋଟ ବ୍ଲକରେ ଦୁର୍ଗମ ଅଞ୍ଚଳକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଚଳିତବର୍ଷ ୫ ଜଣ ଗର୍ଭବତୀଙ୍କୁ ଖଟିଆରେ ବୁହାଯାଇଛି। ଯେଉଁ ଗାଁକୁ ଏଯାଏ ମୌଳିକ ସୁବିଧା ରାସ୍ତାଟିଏ ନାହିଁ ସେହି ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ। ସରକାରୀ ନିୟମ ଅନୁଯାୟୀ ବିଡିଓମାନେ ମାସିକ ଗୋଟିଏ ପଞ୍ଚାୟତରେ ରହି ଉକ୍ତ ଅଞ୍ଚଳର ସମସ୍ୟା ଓ ଆବଶ୍ୟକତା ଉପରେ ଅନୁଧ୍ୟାନ କରିବା ନିୟମ ରହିଛି। ତାହା ହୋଇପାରୁ ନ ଥିବାରୁ ଅଗମ୍ୟ ଓ ଦୁର୍ଗମ ଅଞ୍ଚଳରେ ବିକାଶ ଅପହଞ୍ଚ ହୋଇ ରହିଛି। ଏଥିପ୍ରତି ସରକାର ଓ ଲୋକ ପ୍ରତିନିଧି ଗୁରୁତ୍ୱ ନ ଦେଲେ ନବରଙ୍ଗପୁର ଜିଲାରେ ଚନ୍ଦାହାଣ୍ଡି, ଝରିଗାଁ ଓ ଉମରକୋଟ ବ୍ଲକରେ ଲୋକେ ଆହୁରି ଅନେକ ବର୍ଷ ଧରି ରାସ୍ତା ସୁବିଧାରୁ ବଞ୍ଚିତ ହୋଇ ରହିବେ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କାବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ଆଇଟିଆଇ ଛାତ୍ରୀଛାତ୍ର, ମହିଳାଙ୍କ ସହ ଆଲୋଚନା

ଚନ୍ଦାହାଣ୍ଡି, ୫।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକକୁ ରବିବାର ଭାଜପା ମହିଳା ମୋର୍ଚ୍ଚା ଜିଲା ପ୍ରଭାରୀ ପୂର୍ଣ୍ଣିମା ନାୟକ ଗସ୍ତ କରିଛନ୍ତି। ରାୟଗଡା ଜିଲା ପ୍ରଭାରୀ ଗୋବିନ୍ଦ କୁମାର ଜୈନଙ୍କ ସହ ବ୍ଲକ ଭାଜପା ମହିଳା ମୋର୍ଚ୍ଚା ସଭାପତି ନିଲେନ୍ଦ୍ରୀ ପାଣ୍ଡେ, ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘ, ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝି, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଦିଲୀପ ଦାସ, ବ୍ଲକ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ମନହୀରା, ଗୌରାଙ୍ଗ ମନହୀରା ପ୍ରମୁଖ ତିଲିମାଲସ୍ଥିତ ଆଇଟିଆଇ ପରିଦର୍ଶନ କରିଥିଲେ। ସେଠାରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଅନକାବେଡା, ସନ୍ଧିମୁଣ୍ଡା, ବେହେରାମୁଣ୍ଡା, ମୋହରା, ପୂଜାରୀଗୁଡା ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ଭେଟିଥିଲେ। ଆଗାମୀ ନିର୍ବାଚନରେ ମହିଳାମାନେ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ସେମାନେ କହିଥିଲେ।

### ଦୁଇ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

ତେନ୍ତୁଳିଖୁଣ୍ଟି, ୫।୯(ଡି.ଏନ୍.ଏ.)- ନବରଙ୍ଗପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଦୁଇ ଜଣ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ତେନ୍ତୁଳିଖୁଣ୍ଟିର ସୁଧାକର ପଟ୍ଟନାୟକ ଓ ନବରଙ୍ଗପୁରର ମଦନମୋହନ ମିଶ୍ର। ଡେପୁଟି ମ୍ୟାନେଜର ରଶ୍ମିରଞ୍ଜନ ରାଉତ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୁଧାକର ସାର ନିଜର ଶିକ୍ଷକତା କାର୍ଯ୍ୟରୁ ୨୦୦୧ରେ ଅବସର ନେଇଛନ୍ତି। ସେ ତେନ୍ତୁଳିଖୁଣ୍ଟି, ଖାତିଗୁଡା ଓ ଉଦୟପୁର ଆଦି ବିଦ୍ୟାଳୟରେ ଶିକ୍ଷକତା କରି ସେହି ସମୟରେ ବିଦ୍ୟାଳୟ ପାଇଁ ସୁନାମ ଆଣିଥିଲେ। ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଭାବେ ତାଙ୍କ ସୁନାମ ଥିଲା। ଏହି କାର୍ଯ୍ୟକ୍ରମରେ ତାଙ୍କ ପୁତୁରା ବୃନ୍ଦାବନ ପଟ୍ଟନାୟକ, ପୁଅ ନିରୋଜ ଓ ବାରିଜ ଉପସ୍ଥିତ ଥିଲେ।

### ୭୬.୨ କେ.ଜି. ଗଞ୍ଜେଇ ଜବତ, ୪ ଗିରଫ



ଟିକିରି, ୫।୯(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ଆଇଫାଡ ଛକ ନିକଟରୁ ଶନିବାର ରାତିରେ ପୋଲିସ ୭୬.୨ କେ.ଜି. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିହାର ସାରଣ ଜିଲା ଛାପ୍ରା ଅଞ୍ଚଳର ରାହୁଲ କୁମାର ପାଣ୍ଡେ, ଅନିସ୍ କୁମାର ସିଂ, ଦୀପକ କୁମାର ସିଂ ଏବଂ ରୋହିତ କୁମାର ରାଗ। ସୂଚନା ଅନୁଯାୟୀ, ପୋଲିସ ରାତିରେ ଯାନବାହନ ଯାଞ୍ଚବେଳେ ଏକ ହୋଣ୍ଡା ସିଟି କାର୍‌କୁ ସନ୍ଦେହରେ ଅଟକାଇଥିଲା। ଗାଡ଼ି ଯାଞ୍ଚବେଳେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୋଲିସ ଗଞ୍ଜେଇ ଏବଂ କାର୍ ଜବତ କରିଛି। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା କାଶୀପୁର ଥାନାଧିକାରୀ ପ୍ରଶନ୍ନ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ନଂ. ୯୩/୨୧ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଜଣାପଡ଼ିଛି।

### ୧୭ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା




ଗୁଣପୁର,୫।୯(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁରଠାରେ ଗୁରୁ ଦିବସ ପାଳନ ଅବସରରେ ରବିବାର ସ୍ଥାନୀୟ ବିଆର୍‌ସିସି କାର୍ଯ୍ୟାଳୟଠାରେ ୧୭ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଇଓ ଅନ୍ତର୍ଯାମୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅବସର ନେଇଥିବା ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଆରସିସି ନିରଞ୍ଜନ ଦଳେଇ, ଏବିଇଓ ସବିତା ଶବର, ଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ଦିଲୀପ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଆରସିସି ସଞ୍ଜିବ ପଟ୍ଟନାୟକ, ଶିବ ପ୍ରସାଦ ବାଉରିଙ୍କ ସମେତ ଅନ୍ୟ ସିଆରସିସି ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୁସ୍ତକ 'ମୁଁ ଓ ମୁଁ' ଲୋକାର୍ପିତ



ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ନବରଙ୍ଗପୁର,୫।୯ (ବି.ପ୍ର.)

ହିନ୍ଦୀ ଲେଖକ ମୃଦୁଳା ଗର୍ଗଙ୍କ 'ମେ ଔର ମେ'ର ଓଡ଼ିଆ ଅନୁବାଦିତ ପୁସ୍ତକ 'ମୁଁ ଓ ମୁଁ' ଲୋକାର୍ପିତ ହୋଇଛି। ଅଧ୍ୟାପିକା ନୀହାରିକା ମଲ୍ଲିକ ଏହାର ଅନୁବାଦ କରିଛନ୍ତି। ନବରଙ୍ଗପୁରର ମା' ଭଣ୍ଡାର ଘରଣୀଙ୍କ ପୀଠରେ ଏହି ଲୋକାର୍ପଣ କାର୍ଯ୍ୟକ୍ରମ କରାଯାଇଛି। ଲେଖିକା ନୀହାରିକାଙ୍କ ସହ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ପରିଷଦ ସଦସ୍ୟ ଚନ୍ଦ୍ରଶେଖର ହୋତା, ଗାଳ୍ପିକ ଅଶୋକ ପଟ୍ଟନାୟକ, ଲେଖକ ବୁଲୁ ହୋତା, ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ନାୟକ ଉପସ୍ଥିତ ଥିଲେ। ବେଳେବେଳେ ମହାନ୍ ହେବାର ମୋହ ମଣିଷକୁ ଏତେ କବଳିତ କରିଦିଏ ଯେ, ସେ ନିଜ ସହ ମଧ ଛଳନା କରିଥାଏ। ଦୟା, ପରୋପକାର କରିବା ଆଳରେ ସେ ନିଜର ଅହଂ ଓ ସମ୍ଭ୍ରାନ୍ତପଣିଆକୁ ସାବ୍ୟସ୍ତ କରିବାକୁ ପଛାଇ ନ ଥାଏ। ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ସମ୍ପର୍କକୁ ଶିଡି ରୂପେ ବ୍ୟବହାର କରିଥାଏ ବୋଲି ପୁସ୍ତକରେ ଉଲ୍ଲେଖ ରହିଛି। ପାର୍ବଣ ପର୍ବର ପୂର୍ବାଭାସରେ ଏଭଳି ପ୍ରୟାସ କଲମନିଷ୍ଟଙ୍କୁ ଅନେକ ଖୋରାକ ଯୋଗାଇବ। ଲେଖିକାଙ୍କ ଦ୍ୱାରା ରଚିତ ଅନେକ ପୁସ୍ତକ ଭିତରୁ ଏଇ ପୁସ୍ତକ ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ହୋଇପାରିବ ବୋଲି ଉପସ୍ଥିତ ଅତିଥି କହିଛନ୍ତି।

# ଅବକାରୀ ଆଇନ ଉଲ୍ଲଂଘନ କରି ଅନ୍‌ଶପ୍ ପାଇଁ ସୁପାରିସ ଅଭିଯୋଗ

## ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ

ରାୟଗଡ଼ା ଅଫିସ,୫।୯

ରାୟଗଡ଼ା ଜିଲାରେ ଅବକାରୀ ଆଇନ ଉଲ୍ଲଂଘନ କରାଯାଇ ୩ ବାର୍ ଖୋଲିବାକୁ ସୁପାରିଶ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ଅଭିଯୋଗ କରିଛି ଯେ, ରାୟଗଡ଼ା ଜିଲା ପ୍ରଶାସନ, ଅବକାରୀ ଅଧୀକ୍ଷକ, ଅବକାରୀ ରାଜସ୍ୱ ଟାର୍ଗେଟ ନାମରେ ଜଣେ ନିର୍ଦ୍ଦିଷ୍ଟ ମଦ ବ୍ୟବସାୟୀଙ୍କୁ ଅହେତୁକ ଅନୁଗ୍ରହ ଦେଖାଇ ମାର୍ଚ୍ଚ ୨୦୨୧ରୁ ଅଗଷ୍ଟ ମଧ୍ୟରେ ସମସ୍ତ ଅବକାରୀ ଆଇନକୁ ଉଲ୍ଲଂଘନ କରି ଗୁଣୁପୁର, ଟିକିରି ଓ ରାୟଗଡ଼ା ସହରରେ ୩ଟିଅନ୍‌ଶପ ବିଦେଶୀ ଠିପିଖୋଲା ମଦ ଦୋକାନ ଖୋଲିବା ପାଇଁ ଅବକାରୀ କମିଶନରଙ୍କୁ ଶୁପାରିଶ କରାଯାଇଥିବା ଦଳ ଅଭିଯୋଗ କରିଛି। ଜିଲାର ମଦ ବ୍ୟବସାୟୀ ହରିଶ୍ଚନ୍ଦ୍ର ମହାନ୍ତି ଅବକାରୀ ବିଭାଗରେ ଲକ୍ଷାଧିକ ଟଙ୍କା ଅବକାରୀ ଶୁଳ୍କ ରୂପେ ବାକି ଥିବା ସତ୍ତ୍ୱେ ଚଞ୍ଚକତା କରି ନିଜ ସ୍ତ୍ରୀ ସୁଜାତା ମଞ୍ଜରୀ ପତି(ସତ୍ୟବାଦୀ ପତିଙ୍କ ଝିଅ), ନିୟୁ କଲୋନୀ ଠିକଣା ଦେଇ ଗୁଣପୁର ପୋରାଞ୍ଚଳର ମରାଠିଗୁଡ଼ା, ରାୟଗଡ଼ା ପୋରାଞ୍ଚଳର କପିଳାଶ ରୋଡ଼ ଓ ଟିକିରିର ଡଙ୍ଗାସିଲ ରୋଡ଼ରେ ୩ ଅନ୍‌ଶପ ବାର୍ ପାଇଁ ଆବେଦନ କରିଛନ୍ତି। ହରିଶ୍ଚନ୍ଦ୍ର ମହାନ୍ତି ୨୩ ବର୍ଷ ତଳେ ବିବାହ କରି ପତ୍ନୀ ସହ ଭୁବନେଶ୍ୱରର ଏୟାରପୋର୍ଟ ଅଞ୍ଚଳରେ ରହୁଥିବାବେଳେ ପତ୍ନୀଙ୍କ ଠିକଣାରେ ନିଜ ନାମ ନ ଲେଖି ଶ୍ୱଶୁରଙ୍କ ନାମ ଦର୍ଶାଇ ଅବକାରୀ ଆଇନ ୨୦୧୭ଧାରା ୧୪୯କୁ ଉଲ୍ଲଂଘନ କରିବା ସହ ଦୋକାନ ହାତେଇବା ନିମନ୍ତେ ଯୋଜନା କରିଥିବା ଜିଲା କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏଥିସହ ଯେଉଁ ଫାଇଲ ୬ ମାସ ମଧ୍ୟରେ ହେବା କଥା ତାହା କିପରି ୧୫ ଦିନ ମଧ୍ୟରେ ସମ୍ଭବ ହେଲା ବୋଲି ଦଳ ପ୍ରଶ୍ନ ଉଠାଇଛି। ୩ ଅନ୍‌ଶପର ସମସ୍ତ ନଥିପତ୍ର ଯାଞ୍ଚ କରି ଏଥିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଦୋକାନ ଗୁଡ଼ିକର ଲାଇସେନ୍ସ ବନ୍ଦ କରାଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟିର ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ଦଳୀୟ ନେତା ଆପଲା ସ୍ୱାମୀ କାଡ୍ରାକା, ନଗର ସଭାପତି ଶଙ୍କର ରାଓ ଏବଂ ମିଡିଆ ସେଲ୍ ଅଧ୍ୟକ୍ଷ ଅସଲାମ୍ ଖାନ୍ ମଞ୍ଚାସୀନ ଥିଲେ।




ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡା ଓ ଅନ୍ୟମାନେ।

# ଗୁରୁଦିବସ ପାଳିଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ

ନନ୍ଦାହାଣ୍ଡି, ୫।୯,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କେତେଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସଭାପତି ଗୋଲତି ସଗରିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଶିବ ଶଙ୍କର ମୁର୍ମୁ ମୁଖ୍ୟ ଅତିଥି, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ଉମାକାନ୍ତ ଦାଶ, ମହେନ୍ଦ୍ର ତ୍ରିପାଠୀ, ବନମାଳୀ ପଟ୍ଟନାୟକ, ନାଗେଶ୍ୱରୀ ପଟ୍ଟନାୟକ, ରତନ ମାଝି, ଏବିଇଓ ଉତ୍ତମା ହରିଜନ,




ହରିହର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ବାଲ୍ୟ ତ୍ରିପାଠୀ, ଦିବ୍ୟମୋହନ ମହାନ୍ତି, ସବିତା ମଣି, ଜଗନ୍ନାଥ ହରିଜନ, ବଂଶୀଧର ସ୍ୱାଇଁ, ଭଜମୋହନ ସିଂ, କାହ୍ନୁ ସ୍ୱାଇଁଙ୍କୁ ଉପଢୌକନ ଏବଂ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ସାଜସଜ୍ଜା ଏବଂ ବଗିଚା ପାଇଁ ସାରା ଜିଲାରେ ପ୍ରଶଂସା ସାଉଣ୍ଟିଥିବା ଜଗନ୍ନାଥପୁର ପ୍ରାଥମିକ ସ୍କୁଲକୁ ଆଦର୍ଶ ବିଦ୍ୟାଳୟଭାବେ ଚୟନ କରାଯାଇଥିଲା। ପ୍ରଧାନଶିକ୍ଷକ ଭଗବାନ ଟାକ୍ରିଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଶିକ୍ଷକ ସଂଘ ଜିଲା ସଭାପତି ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ସମ୍ପାଦକ ରମଣୀ ରଞ୍ଜନ ତ୍ରିପାଠୀ ଏବଂ ଅନ୍ୟ ସଦସ୍ୟଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ଜିଲା ଶିକ୍ଷକ ସଂଘ ସଂଯୋଜକ ଗୋପୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ



ବୈଠକରେ ବଂଶଧାରା ଅବବାହିକା ସୁରକ୍ଷା ସମିତିର ସଦସ୍ୟମାନେ।

## ବଂଶଧାରା ଅବବାହିକା ସୁରକ୍ଷା ସମିତିର ବୈଠକ

ଗୁଣପୁର,୫।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଭେଙ୍କଟେଶ୍ୱର ମନ୍ଦିରଠାରେ ରବିବାର ବଂଶଧାରା ଅବବାହିକା ସୁରକ୍ଷା ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛି। ବଂଶଧାର ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବିରେ ମାସେବ୍ୟାପି ହୋଇଥିବା ଆନ୍ଦୋଳନ ନେଇ ଏଥିରେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୨ରେ ବଂଶଧାରା ଅବବାରିକା ସୁରକ୍ଷା ସମିତିର ପ୍ରତିନିଧି ଦଳ ସହ ରାଜ୍ୟ ସରକାରଙ୍କ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ରାଜ୍ୟ ସରକାର ବଂଶଧାରାର ଉପରମୁଣ୍ଡରେ ଏକାଧିକ ଛୋଟ ଏବଂ ମଧ୍ୟମ ଧରଣର ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ତେଣୁ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ପରବର୍ତ୍ତି ପଦକ୍ଷେପ ଗ୍ରହଣ ନ କଲେ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ସ୍ଥିର ହୋଇଛି। ବଂଶଧାର ଅବବାହିକା ସୁରକ୍ଷା ସମିତିର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାସ, ସାଧାରଣ ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଆବାହକ ମିଳି ପାଡ଼ିଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଆଶୀର୍ବାଦ ଯୋଜନାରେ ୩୯୦ ଶିଶୁ ସାମିଲ

## ତୃତୀୟ ପର୍ଯ୍ୟାୟରେ ୧୭୭ ହିତାଧିକାରୀଙ୍କୁ ଆର୍ଥିକ ସହାୟତା

ରାୟଗଡ଼ା ଅଫିସ,୫।୯-

ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ରାୟଗଡ଼ା ଜିଲାରେ ୩ଟି ପର୍ଯ୍ୟାୟରେ ୩୯୦ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ସିଡିପିଓ ଏବଂ ସୁପରଭାଇଜର ମାନଙ୍କ ମାଧ୍ୟମରେ ମା', ବାପା କିମ୍ବା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସହାୟତା ପ୍ରଦାନ କରାଯାଇଛି। କୌଣସି ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ତେବେ ଅନେକ ଶିଶୁଙ୍କ ପାଖରେ ଜନ୍ମ ପ୍ରମାଣପତ୍ର ନାହିଁ। ଉକ୍ତ ଶିଶୁମାନଙ୍କ ଜନ୍ମ ପ୍ରମାଣପତ୍ର ଜନ୍ମ ହୋଇଥିବା ଡାକ୍ତରଖାନା କିମ୍ବା ସେହି ଅଞ୍ଚଳର ପୌର ସଂସ୍ଥାଠାରୁ ସଂଗ୍ରହ କରିବା ପାଇଁ ପରିବାରର ସଦସ୍ୟଙ୍କୁ ପରାମର୍ଶ ଦିଆଯାଇଛି। ବୟସ ପ୍ରମାଣ ପାଇଁ ସ୍କୁଲରେ ପଢୁଥିବା ଶିଶୁମା ନିଜ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଠାରୁ ଷ୍ଟଡି ସାର୍ଟିଫିକେଟ ସଂଗ୍ରହ କରିବା ପାଇଁ କୁହାଯାଇଛି। ଯଦି ମା', ବାପାଙ୍କ ମୃତ୍ୟୁ ପ୍ରମାଣପତ୍ର ନାହିଁ ସେ କ୍ଷେତ୍ରରେ ଡାକ୍ତରଖାନା କିମ୍ବା ସେହି ଅଞ୍ଚଳର ପୌର ସଂସ୍ଥାଠାରୁ ସଂଗ୍ରହ କରିବା ପାଇଁ ଅଭିଭାବକ ମାନଙ୍କୁ କୁହାଯାଇଛି। ଯଦି ମା' କିମ୍ବା ବାପାଙ୍କ ମଧ୍ୟରୁ ଜଣଙ୍କର ୧ ଏପ୍ରିଲ ୨୦୨୦ ପୂର୍ବରୁ ମୃତ୍ୟୁ ହୋଇଥାଏ ଏବଂ ମୃତ୍ୟୁ ପ୍ରମାଣପତ୍ର ନ ଥାଏ ତେବେ ସେମାନେ ନିଜ ଅଞ୍ଚଳର ସିଡିପିଓ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆର୍‌ଆଇଙ୍କ ମିଳିତ ତଦନ୍ତ ପରେ ତାଙ୍କର ଅନୁମୋଦନ କ୍ରମେ ମୃତ୍ୟୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଆଶୀର୍ବାଦ ଯୋଜନାରେ ପ୍ରଥମ ଦଫାରେ ୧୧୧ ଜଣଙ୍କୁ, ଦ୍ୱିତୀୟ ପର୍ଯ୍ୟାୟରେ ୧୦୨ ଏବଂ ତୃତୀୟ ପର୍ଯ୍ୟାୟରେ ରବିବାର ୧୭୭ ଶିଶୁଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଚାଉଳ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

କୋଷାଗୁମୁଡା, ୫।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବଡଆମ୍ବଡାରେ ରବିବାର ଏକ ଚାଉଳ ବୋଝେଇ ଟ୍ରକ ଓଲଟି ପଡିଛି। ଦୁର୍ଘଟଣାରୁ ଚାଳକ ଓ ହେଲପର ବର୍ତ୍ତିଯାଇଛନ୍ତି। ସୂଚନାନୁଯାୟୀ, ନବରଙ୍ଗପୁରରୁ ବଡଆମ୍ବଡା ପଞ୍ଚାୟତ ସାଧାରଣ ବଣ୍ଟନ ପାଇଁ ଚଳିତ ମାସର ୨୫୦ ବସ୍ତା ପିଡିଏସ୍ ଚାଉଳ ଏକ ଟ୍ରକ୍ (ଓଆର୍-୧୦ସି-୯୨୨୮)ରେ ଯାଉଥିଲା। ଅପରାହ୍ନ ୫ଟାରେ ବଡଆମ୍ବଡା ମୁଖ୍ୟ ରାସ୍ତାରେ ଟ୍ରକଟି ଧସିଯାଇ ଓଲଟି ପଡିଥିଲା। ଅନେକ ବସ୍ତା ଚାଉଳ ପାଣିରେ ପଡି ନଷ୍ଟ ହୋଇଥିବାବେଳେ ଦୁର୍ଘଟଣାରୁ ଚାଳକ ଓ ହେଲପର ବର୍ତ୍ତିଯାଇଛନ୍ତି। ସୂଚନାଥାଉ କି ପାନୀୟ ଜଳ ଯୋଗାଣ ପାଇଁ ଜେଏମ୍‌ସି ଠିକା କମ୍ପାନୀ ମେଗା ପ୍ରକଳ୍ପ କାମରେ ରାସ୍ତା ପାର୍ଶ୍ୱ ଖୋଳା ଯାଇ ଠିକ ଭାବେ ମାଟି ନ ପକାଇବା ଫଳରେ ଅନେକ ଦୁର୍ଘଟଣା ଘଟୁଛି। ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଡ଼ିଶୀ ଶୈଳୀର ବିକାଶ ଦିଗରେ ଏକାମ୍ର ଥିଲା ପରୀକ୍ଷାଗାର

ଡ. ସୁରେନ୍ଦ୍ର କୁମାର ମିଶ୍ର




ଆମେ ପୂର୍ବରୁ ଆଲେଖ୍ୟରେ ବିଚାର କରିଥିଲେ ଗୋଟିଏ ଜାତି ପଥର ଶିଳ୍ପକଳାର ଶୀର୍ଷ ସ୍ଥାନରେ ପହଞ୍ଚିବା ଆଗରୁ କେତେ ଯେ ପରୀକ୍ଷା ନିରୀକ୍ଷା ଦେଇ ବିକାଶ ପଥରେ ଆଗେଇଥିବ, କଳ୍ପନା କରିବା ସମ୍ଭବ ନୁହେଁ। ଶିଳ୍ପୀର ସେ ଦୀର୍ଘଯାତ୍ରା ଆଜି ଆମେ ଚର୍ଚ୍ଚା ପରିସରକୁ ଆଣୁଛେ ଏଇଥି ପାଇଁ ଯେ ଯୋଉ ପଣ୍ଡିତମାନେ ଲେଖିଗଲେ ଓଡ଼ିଆ ଶିଳ୍ପୀ ଏପରି ମନ୍ଦିର ଗଢ଼ି ନ ଥିବେ, ଗଢ଼ିବା ସମ୍ଭବ ନୁହେଁ, ସେଇମାନଙ୍କୁ ବିକାଶପଥର ଐତିହ୍ୟର ଏକ ଚିତ୍ର ଦେବା। ନିଜେ ବି ହେଜିବା।

ଦୁର୍ଗାଚରଣ ପଣ୍ଡା ଏକ ନିଚ୍ଛକ ପ୍ରତିଛବି ଶିଳ୍ପୀଙ୍କର ଦୀର୍ଘ ବିକାଶଯାତ୍ରାର ଆଙ୍କିଛନ୍ତି। ସେ ସ୍ପଷ୍ଟ କରିଛନ୍ତି XXX ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଦୀର୍ଘ ୧୫୦୦ ବର୍ଷ ଧାରାବାହିକ ଭାବେ ଏକାମ୍ର କ୍ଷେତ୍ରରେ, ପ୍ରତ୍ୟେକ ଶତାବ୍ଦୀରେ କୌଣସି ନା କୌଣସି ମନ୍ଦିର ନିର୍ମିତ ହୋଇଆସିଛି। XXX ମନ୍ଦିର ନିର୍ମାଣର ଅଙ୍କୁରୋଦ୍‌ଗମଠାରୁ ଚରମ ବିକାଶଧାରାର ଅଧ୍ୟୟନ ନିମନ୍ତେ ମନ୍ଦିରନଗରୀ ଭୁବନେଶ୍ୱର ଏକ ଅପୂର୍ବ ସ୍ଥାନ। (ତତ୍ରୈବ)।

ବାସ୍ତବରେ କେତେ ଯେ ଛୋଟଛୋଟ ମନ୍ଦିର ଗଢ଼ାହୋଇଥିବ, କେତେ ଶାସ୍ତ୍ରୀୟଶୈଳୀ ଆପଣେଇ ନେବାକୁ ପଡ଼ିଥିବ, କେତେ ନୂଆ ଶୈଳୀ, ନୂଆ ମାପ ତା' ମଧ୍ୟରେ ଯୋଗ ହୋଇଥିବ ତା'ର ଇତିହାସ ନ ମିଳିଲେ ମଧ, ଗୋଟିଏ କଥା ମିଳେ ଶାସ୍ତ୍ରୀୟଧାରାରୁ ମୁକ୍ତ ହୋଇ ଆବଶ୍ୟକ ଅନୁଯାୟୀ ଯେତେବେଳେ ବିଚାର ବିମର୍ଶ କରି ଓଡ଼ିଆ ସ୍ଥପତି ନୂତନ ଶୈଳୀ ଖଞ୍ଜିଥିବେ ସେତେବେଳେ ତାକୁ ତାଳପତ୍ର ପୋଥିରେ ଲେଖିଥିବେ। ତାହା ହିଁ ଓଡ଼ିଶାର ନିଜସ୍ୱ ଶିଳ୍ପଶାସ୍ତ୍ର ହୋଇଯାଇଛି। ସେଇ ନୂତନ କୌଶଳ, ନୂତନ ପରିପାଟୀ ହୋଇଯାଇଛି ଓଡ଼ିଶୀ ଶୈଳୀ। କେବେ କଳିଙ୍ଗଶୈଳୀ ରୂପେ ପରିଚିତ ହୋଇଛି ତ କେବେ ଉତ୍କଳ ଶୈଳୀ ରୂପେ। ଏବେ ଆମେ ସାତୋଟିଯାକ ସାମ୍ରାଜ୍ୟର ଶୈଳୀକୁ କହିପାରିବା 'ଓଡ଼ିଶୀ ଶୈଳୀ'।

ମନ୍ଦିରଟି ଆରମ୍ଭ କରିବାଠାରୁ ଦେବତାଙ୍କୁ ପ୍ରତିଷ୍ଠା କରି ଉପାସନା ଆରମ୍ଭ ପର୍ଯ୍ୟନ୍ତ ୮ଟି ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼େ। ବଡ଼ମନ୍ଦିରଟିଏ ଗଢ଼ିବା ପୂର୍ବରୁ ତା'ର ପ୍ରତିକୃତି ଛୋଟ ମନ୍ଦିରଟିଏ ପ୍ରଥମେ ଗଢ଼ା ହୋଇଥିବ। ତାହା ହିଁ ହୋଇଥିଲା କୋଣାର୍କଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ହେବା ପୂର୍ବରୁ। ଚାରି ସ୍ଥାନରେ ରହୁଥିଲେ ଶିଳ୍ପୀ। ରହୁଥିବା ସ୍ଥାନରେ ମୁଖ୍ୟମନ୍ଦିରର ବିଭିନ୍ନ ଦୃଷ୍ଟିକୋଣକୁ ବିଚାର କରି ପ୍ରତିକୃତି ମନ୍ଦିର ଗଢ଼ାଯାଇଥିଲା। ଚଉରାଶି ଗ୍ରାମରେ କୋଣାଦିତ୍ୟଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ଦେଢ଼ଶହ ବର୍ଷ ପୂର୍ବରୁ ବାରାହୀ ଦେବୀଙ୍କ ମନ୍ଦିର ନିର୍ମାଣ ହୋଇସାରିଥିଲା। ଏଠାରେ ୩୦୦ ମହାରଣା ରହିଥିଲେ। ତେଣୁ ଏହି ମନ୍ଦିର ବଢ଼େଇ ମନ୍ଦିର ଭାବରେ ମଧ ପ୍ରସିଦ୍ଧ ହୋଇଯାଇଥିଲା। ଦୁଇଟି ମନ୍ଦିର ଦେଖିହେଉଛି। ଆଉ ଦୁଇଟି ଅଧାଭଙ୍ଗା ହୋଇ ଧ୍ୱଂସପଥରେ ଆଗେଇ ଚାଲିଛି। 'ଗୋପ' ନିକଟରେ ରହିଛି କିଲ୍ଲା ବୟାଳିଶ ବାଟି। ସେଇ ମନ୍ଦିରର ମଧ ମୁଣ୍ଡି ମରାଯାଇଥିଲା କି ନା ଜଣା ପଡୁନାହିଁ। ଦଧିନଉତି ଉପରକୁ ନାହିଁ। ଏହି ମନ୍ଦିରର ନିର୍ମାଣ ପାଇଁ ଗଙ୍ଗା ମହାପାତ୍ରଙ୍କ ଆଦେଶରେ ପଥରସବୁ ୧୨ଟି ଶଗଡ଼ରେ ବୈୟାଳିଶ ବାଟିକୁ ପ୍ରଥମେ ଆସିଥିଲା। ଭିତ୍ତିଭୂମି ସ୍ଥିର କରି ମାପଚୁପ କରିଥିଲେ ସୂତ୍ରଧର (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କ ପୁତ୍ର ଧର୍ମ ମହାପାତ୍ର। ସେଇ ଧର୍ମପଦ ଇଏ; ଯାହାଙ୍କୁ ନେଇ ଅସରନ୍ତି କିମ୍ବଦନ୍ତୀ, ଶେଷହୀନ ଜନଶ୍ରୁତି। ସେ ହାତୀରେ ବସି କୋଣାଦିତ୍ୟରୁ ଆସିଥିଲେ କିଲ୍ଲା ବୟାଳିଶ ବାଟିକୁ। ପୋଥିର ୪୯ ପତ୍ର କଥା ଇଏ। କିନ୍ତୁ ଆମେ ତାଙ୍କୁ ଜନଶ୍ରୁତିରେ ମାରିଦେଇଛେ।

ମାପଚୁପ ଦେବାପରେ କିଲ୍ଲା ବୟାଳିଶ ବାଟି ଆସ୍ଥାନରେ ତିନିଶହ ବିଶ୍ୱକର୍ମା ଗଢ଼ିଥିଲେ ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଥିଲେ ଶକ୍ତି ପ୍ରଦାୟିନୀ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପୂର୍ବରୁ ଗଢ଼ାସରିଥିଲା ଏଇ ମନ୍ଦିର। ଏଇ କିଲ୍ଲାର ଭ୍ରମରବର ହରିଚନ୍ଦନଙ୍କୁ ଆମେ ସ୍ମରଣ କରିବା; ଯାହାଙ୍କୁ ଗଜପତି ଦେଇଥିଲେ ମନ୍ଦିରର ହିସାବ-ନିକାଶ ଦାୟିତ୍ୱ। ଠିକ୍ ସେହିପରି 'ଚଉରାଶି'ରେ ତିନିଶହ ବିଶ୍ୱକର୍ମା ରହିବା ପୂର୍ବରୁ ଗଢ଼ିଉଠିଥିଲା ମା' ବାରାହୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଯକ୍ଷରେ ପ୍ରତିଷ୍ଠା ପାଇଲାପରି ମା' ବାରାହୀ ମଧ ଯକ୍ଷରେ ପ୍ରତିଷ୍ଠା ହୋଇଥିଲେ। ତାଙ୍କୁ କୁହାଯାଏ ଯକ୍ଷବାରାହୀ। ଯକ୍ଷ ହୋଇ ପବିତ୍ର ହୋଇଥିଲା ଗୋଲରାଗଡ଼। ସେଇଠି ରହୁଥିଲେ ତିନିଶହ ବିଶ୍ୱକର୍ମା। ଯକ୍ଷ ଅନୁଷ୍ଠାନରେ ସେମାନେ ଯେଉଁ ଶକ୍ତିମୟୀଙ୍କୁ ପ୍ରତିଷ୍ଠା କରିଥିଲେ ସେ ଥିଲେ ଯକ୍ଷବରୁଣେଇ। ଲିଭି ଲିଭି ଆସୁଛି ସେ ଐତିହ୍ୟ। ତିନିଶହ ବିଶ୍ୱକର୍ମା ଗଡ଼ରୂପାସରେ ରହୁଥିଲେ। ତାଙ୍କର ଉପାସ୍ୟ ଥିଲେ 'ବଡ଼ତାରା'। ବଡ଼ତାରାଙ୍କଠାରୁ ଗଡ଼ଦେବୀ ମା' କନକଦୁର୍ଗାଙ୍କୁ ମୁଣ୍ଡିଆ ମାରି ହତିଆର ଧରି ସେମାନେ ବାହାରି ଯାଉଥିଲେ 'ବଢ଼େଇଗୋହିରି' ଦେଇ ପଦ୍ମତୋଳା ଗଣ୍ଡ ନିକଟକୁ। ଏହି ଗଡ଼ର ଦଳବେହେରା ଆମ ଜାତିର ନମସ୍ୟ ପୁରୁଷ। ସେହି 'ବିଶ୍ୱାସପୁରୁଷ'ଙ୍କ ଉପରେ ଥିଲା ନିର୍ମାଣ ପରିଚାଳନା ଦାୟିତ୍ୱ। ଚାରି ଆସ୍ଥାନରୁ ଆସିଲେ ବି ଶେଷରେ ମା' ଭଗବତୀଙ୍କ ଆଶ୍ରିତ ହୋଇ କାମ ଆରମ୍ଭ କରୁଥିଲେ।



ଗଡ଼ରୂପାସର ଉପାସ୍ୟା ଦେବୀ ବଡ଼ତାରା।

